# ରାସ୍ତାରୁ ନବଜାତକ ଉଦ୍ଧାର, ମେଡିକାଲରେ ମୃତ୍ୟୁ

**ପଟ୍ଟାଙ୍ଗି,୧୨।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରରୁ ଗୋଟିଏ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। କିନ୍ତୁ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ହୋଇଛି। ଚିକିତ୍ସା ସମୟରେ ମୃତ ନବଜାତ ଶିଶୁପୁତ୍ରର ଓଜନ ୬୪୦ ଗ୍ରାମ ରହିଥିଲା। ଏଭଳି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡ ନିକଟସ୍ଥ ପୁରୁଣା ରାସ୍ତାପାର୍ଶ୍ୱରେ ରହିଥିବା ବାଉଁଶ ଗଛ ମୂଳେ ନବଜାତ ଶିଶୁପୁତ୍ର କାନ୍ଦୁଥିଲା। ଏହି ଶବ୍ଦ ଶୁଣି ଉକ୍ତ ରାସ୍ତା ଦେଇ ଘରକୁ ଫେରୁଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଝାଡୁଦାର ମହିଳା କେ. ପବି ସେଠାରୁ କାନ୍ଦୁଥିବା ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରି ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାକାର ଲେବର ରୁମ୍‌ରେ ଡାକ୍ତର ନବଜାତକର ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ଶିଶୁପୁତ୍ରଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଖବର ପାଇ ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଗୋଲକ ପଟ୍ଟନାୟକ, ଏଏସ୍‌ଆଇ ଅନିମେଶ ଚନ୍ଦ୍ର ମାଳି ଏବଂ ହାବିଲଦାର ପ୍ରଶାନ୍ତ ମାଝି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନବଜାତକର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଥିଲା। ପରେ ଏହାକୁ ଜିଲା ସଦର ମହକୁମାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୪ ଦିନ ଯାଏ ରଖାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି।

# ଗାଈକୁ ଟାଙ୍ଗିଆରେ ଆକ୍ରମଣ

**ଜୟପୁର,୧୨।୧୨(ଡି.ଏନ୍.ଏ.)**

ଜୟପୁର ସହର ଉପକଣ୍ଠ ହାଟପଦା ନିକଟସ୍ଥ ଦାନଭି ଟାଉନଶିପ୍ ନିକଟରେ ଗାଈକୁ କେହି ଦୁର୍ବୃତ୍ତ ଟାଙ୍ଗିଆରେ ଆକ୍ରମଣ କରିଛନ୍ତି। ଗାଈର ଦେହରେ ଟାଙ୍ଗିଆଟି ଲାଗିକି ରହିଥିବା ବେଳେ ରକ୍ତସ୍ରାବ ହେଉଥିଲା। ପଶୁପ୍ରେମୀ ଲାଲୁ ଦାଶଶର୍ମା, ପଦ୍ମିନୀ ପାତ୍ର ସେଠାରେ ପହଞ୍ଚିଥିଲେ। ଖବର ପାଇ ଟାଉନଥାନା ଓ ପ୍ରାଣୀଧନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁଇଜଣ ପଶୁ ଡାକ୍ତର ସୋନାଲି ମହାପାତ୍ର, ଅମିତ ବେହେରା ନିଶ୍ଚେତକ ଇଞ୍ଜେକସନ ଦେଇ ଗୋଟିଏ ଘଣ୍ଟା ଅସ୍ତ୍ରୋପଚାର କରିବା ପରେ ଗାଈ ଦେହରେ ଲାଖିରହିଥିବା ଟାଙ୍ଗିଆ କଢ଼ାଯାଇଥିଲା। ଚିକିତ୍ସା ପରେ ମାଲିକ ଡଙ୍ଗାଗୁଡ଼ାର ଚିନ୍ନା ଜାନୀଙ୍କୁ ତାଙ୍କ ଗାଈ ହସ୍ତାନ୍ତର କରାଯାଇଥିଲା।

# ପ୍ରତିଶ୍ରୁତି ପରେ ହଟିଲା ଧାରଣା

**କୋଟପାଡ଼,୧୨।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ଦାବିରେ ଚଳାଇଥିବା ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। କୋଟପାଡ଼ ତହସିଲଦାର ଦ୍ୟୁତିକାନ୍ତ ପାତ୍ର, ବିଡିଓ ଅଂଶୁମାନ ମହାପାତ୍ର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ରହିଥିବା ଦାବି ପୂରଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କୋଟପାଡ଼ ମହାବିଦ୍ୟାଳୟ ସ୍ଥାପନକୁ ୩୯ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାକୁ କେବଳ ଜୁନିୟର କଲେଜର ମାନ୍ୟତା ମିଳିଛି। କଲେଜରେ +୨ରେ କଳା, ବିଜ୍ଞାନ ବିଭାଗ ରହିଥିବା ବେଳେ +୩ରେ କେବଳ କଳା ପାଠ୍ୟକ୍ରମ ରହିଛି। କଲେଜର ଶ୍ରେଣୀ ଗୃହଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଥିସହ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ, ପାନୀୟ ଜଳ ସୁବିଧା ମଧ୍ୟ ନାହିଁ। ଏଠାରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପିକ ମଧ୍ୟ ନାହାନ୍ତି। କଲେଜର ଜମି ପଟ୍ଟା ନ ଥିବାରୁ ୟୁଜିସି ଗ୍ରାଣ୍ଟରୁ ଆସୁଥିବା ଅର୍ଥ ଫେରିଯାଉଛି। ଏହାକୁ ନେଇ ଛାତ୍ରୀଛାତ୍ର ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହି ସବୁ ସମସ୍ୟା ତୁରନ୍ତ ସମାଧାନ କରିବା ଦାବିରେ ଛାତ୍ରୀଛାତ୍ର ଧାରଣା ଦେଇଥିଲେ।



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

# ଭାଉଜଙ୍କୁ ମାରପିଟ୍ ଅଭିଯୋଗ, ଦିଅର ଅଟକ

**ବୁଗୁଡ଼ା,୧୨।୧୨(ଡି.ଏନ.ଏ.)**

ବୁଗୁଡ଼ା ଥାନା ଗୋଲାବନ୍ଧୀର ଗ୍ରାମରେ ଭାଉଜଙ୍କୁ ମାରପିଟ ଅଭିଯୋଗରେ ଦିଅରଙ୍କୁ ପୋଲିସ ଅଟକ ରଖିଛି। ଗୁରୁବାର ଜଣେ ମହିଳା ତାଙ୍କର ଦିଅର ମାରପିଟି କରିବା ସହ ତଣ୍ଟି ଚିପିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ବୁଗୁଡ଼ା ପୋଲିସ ନଂ.୨୯୩/୧୯ରେ ଏକ ମାମଲା ରୁଜୁ କରି ମହିଳାଙ୍କ ଦିଅରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତ୍ର ପ୍ରାୟ ୧୦ଟାରେ ସମ୍ପୃକ୍ତ ମହିଳାଙ୍କ ଦିଅର ଭାଇଙ୍କ ଘରକୁ ଯାଇ ଭାଉଜଙ୍କୁ ଟଙ୍କା ମାଗିଥିଲେ। ତେବେ ଭାଉଜ ସଞ୍ଜୁ ନାୟକ ମନା କରିବାରୁ ତାଙ୍କୁ ମାରପିଟ କରିବା ସହ ତଣ୍ଟି ଚିପି ଦେଇଥିଲେ। ଏହାକୁ ନେଇ ଭାଉଜ ଗୁରୁବାର ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ଛାଡି ଦୀର୍ଘ ସମୟ ବାହାରକୁ ଚାଲିଗଲେ ପ୍ରଧାନଶିକ୍ଷକ

**କୋରୁକୋଣ୍ଡା ୧୨।୧୨(ଡି.ଏନ.ଏ)**
ମାଲକାନଗିରି ଜିଲା କୋରୁକୋଣ୍ଡାର ଡାଇକ-୧ ନିକଟସ୍ଥ ମହାଦେବପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ବିଦ୍ୟାଳୟରେ ଜଣେ ପ୍ରଧାନଶିକ୍ଷକ ଜଣକ ଛାତ୍ରୀଛାତ୍ରଙ୍କୁ ରୋଷେୟାଙ୍କ ଦାୟିତ୍ୱରେ ଛାଡି ଦୀର୍ଘ ସମୟ ଧରି କେଉଁଆଡେ ଚାଲିଯାଇଥିଲେ। ଏଠାରେ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ଜେନାଙ୍କ ସହ ଜଣେ ଶିକ୍ଷା ସହାୟକ କରୁଣାକର ସ୍ୱାଇଁ କାର୍ଯ୍ୟରତ ଅଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗତ ସୋମବାର ପ୍ରଧାନଶିକ୍ଷକ ଜେନା ବିଦ୍ୟାଳୟ ଖୋଲି, ଅଫିସ ରୁମରେ ତାଲା ପକାଇ ପିଲାମାନଙ୍କୁ ପାଠ ନ ପଢ଼ାଇ ଶ୍ରେଣୀ ଗୃହରେ ପିଲାଙ୍କୁ ଛାଡି କେଉଁଆଡେ ଚାଲିଯାଇଥିଲେ। ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା ବ୍ୟକ୍ତିଙ୍କ ଦାୟିତ୍ୱରେ ପିଲାମାନେ ରହିଥିଲେ। ସେହିଦିନ ଶିକ୍ଷା ସହାୟକ ସ୍ୱାଇଁ ବିଦ୍ୟାଳୟରେ ନ ଥିଲେ। ସେ ଡେପୁଟେଶନରେ ଅନ୍ୟ ଏକ ବିଦ୍ୟାଳୟକୁ ଯାଇଥିଲେ। ଜଣେ ଶିକ୍ଷକ ନ ଥିବା ସତ୍ତ୍ୱେ ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଛାଡି ଚାଲିଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେଦିନ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଯାଏ ମାତ୍ର ୧୬ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକଙ୍କ ମନମୁଖୀ କାର୍ଯ୍ୟ ଅସନ୍ତୋଷ ସୃଷ୍ଟି କରିଛି। ଏ ଦିଗରେ ବ୍ଲକ ଶିକ୍ଷାଧିକାରୀ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଜେନାଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

### ଦେଶୀ ମଦ ଜବତ: ଜଣେ ଗିରଫ

**ପାରଳାଖେମୁଣ୍ଡି,୧୨।୧୨(ସ୍ୱ.ପ୍ର)-** ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପାଟ୍ରୋଲିଂ ସମୟରେ ୧୦ ଲିଟର ଦେଶୀ ମଦ ସହ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଗୋଷାଣୀ ବ୍ଲକ୍ ଡାମୁଣୀଗାଁ ଗ୍ରାମର ଏସ୍. ତ୍ରିପତୀ ରାଓ(୩୦)। ସେ ରନ୍ଧା ମଦ ନେଇ ଗୋଷାଣୀ ବ୍ଲକ୍ କେରାଣ୍ଡି ଅଞ୍ଚଳକୁ ଯାଉଥିବାବେଳେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଏ ନେଇ ପାରଳାଖେମୁଣ୍ଡି ଥାନା ନଂ. ୨୪୫/୧୯ ରେ ଏକ ମାମଲା ରୁଜୁ ହୋଇଛି। ଜିଲାରେ ଦେଶୀ ମଦ କାରବାରକୁ ବନ୍ଦ କରାଯାଇଥିବାବେଳେ ବାରମ୍ବାର ପୋଲିସ ଦ୍ୱାରା ଦେଶୀ ମଦ ଜବତ କରାଯିବା ଅବକାରୀ ବିଭାଗର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଶିକ୍ଷକଙ୍କ ସ୍ମୃତିସଭା

**ଦଶମନ୍ତପୁର,୧୨।୧୨(ଡି.ଏନ୍.ଏ):** ଦଶମନ୍ତପୁର ବ୍ଲକ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସମ୍ପାଦକ ଚୋଲଗଙ୍ଗ ବିଶୋୟୀଙ୍କ ଆହ୍ୱାନରେ ଶିକ୍ଷକ ନେତା ନିରଞ୍ଜନ ବାରିକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା କରାଯାଇଛି। ମା'ଖେମେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଦିବଂଗତ ଶିକ୍ଷକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଗୁଳିମାଡ଼, ଆକ୍ରମଣରେ ୨ ଭାଇ ଗୁରୁତର

**ଗୋପାଳପୁର,୧୨।୧୨-** ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ପୋଖରୀରୁ ମାଛ ଚୋରିକୁ ନେଇ ବୁଧବାର ରାତିରେ ଗଣ୍ଡଗୋଳ ହୋଇଛି। ଜଣେ ଜେଲ ଫେରନ୍ତାଙ୍କ ଗୁଳି ମାଡ ଓ ଆକ୍ରମଣରେ ୨ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମେଦିନିପୁର ଗ୍ରାମର ପ୍ରଶାନ୍ତ ବେହେରା ଓ ଭାଇ ପ୍ରଦୀପ। ପ୍ରଶାନ୍ତ ବେହେରା ଓ ପ୍ରଦୀପ ବେହେରା ୫ବର୍ଷ ହେଲା ନିସ୍କାବନ୍ଧରେ ମାଛ ଚାଷ କରୁଥିଲେ। ନିକଟସ୍ଥ ଟାମଣା ଗ୍ରାମର କୁନା ବେହେରା ଅନ୍ୟ ଏକ ପୋଖରୀରେ ମାଛ ଚାଷ କରୁଥିଲେ। ବିଭିନ୍ନ ସମୟରେ କୁନାଙ୍କ ପୋଖରୀରୁ ମାଛ ଚୋରି ନେଇ ପ୍ରଶାନ୍ତଙ୍କ ସହ ବିବାଦ ଲାଗି ରହିଥିଲା। ବୁଧବାର ରାତିରେ ୩ ଭାଇ ପ୍ରଶାନ୍ତ, ପ୍ରଦୀପ ଓ ସୁଶାନ୍ତ ନିସ୍କାବନ୍ଧରୁ କାମସାରି ଘରକୁ ଫେରୁଥିବାବେଳେ କୁନା ଓ ତାଙ୍କ ସହଯୋଗୀ ସେମାନଙ୍କୁ ଅଟକାଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କୁନା ଅନ୍ୟ ୨ଯୁବକଙ୍କୁ ଫୋନ୍ କରି ସେଠାକୁ ଡ଼ାକିଥିଲେ। ଏହାପରେ ସେ ରଖିଥିବା ଦେଶୀ ବନ୍ଧୁକରୁ ପ୍ରଶାନ୍ତଙ୍କ ଉପରକୁ ଗୁଳି ଚଳାଇବା ସହ କାତିରେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ପ୍ରଦୀପଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଭିଏସ୍ ସ୍କୁଲର ଇ-ନ୍ୟୁଜ୍ ଲେଟର ଉନ୍ମୋଚିତ




ଅତିଥିମାନେ ନ୍ୟୁଜ ଲେଟର ଉନ୍ମୋଚନ କରୁଛନ୍ତି ।

**ସେମିଳିଗୁଡ଼ା,୧୨।୧୨(ସ୍ୱ.ପ୍ର.)**

ସୁନାବେଡ଼ା ମିଗନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ପ୍ରଥମ ଇ-ନିଉଜ ଲେଟର 'ଭିଏସ୍ ଭଏସ୍' ଉନ୍ମୋଚିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏରୋନଟିକସ ଏଜୁକେଶନ ସୋସାଇଟିର ସାଧାରଣ ସମ୍ପାଦକ ସୁଦୀପ୍ତ ଚାଟାର୍ଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଡିଜିଟାଲ ପତ୍ରିକାକୁ ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରଙ୍କ ବିଶେଷ ସଫଳତା, ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ, ଆଭିମୁଖ୍ୟକୁ ଅତି ସୁନ୍ଦର ଭାବେ ଏଥିରେ ଦର୍ଶାଯାଇଥିବା ଯୋଗୁ ଏହା ପାଠକଙ୍କ ଭିତରେ ଆଦୃତ ହେବା ସହ ବିଦ୍ୟାଳୟର ବିକାଶରେ ସହାୟକ ହେବ ବୋଲି ଚାଟାର୍ଜି ମତବ୍ୟକ୍ତ କରିଥିଲେ। ଏଇଏସ୍‌ର କୋଷାଧ୍ୟକ୍ଷ ଶ୍ରୀକାନ୍ତ ମହାପାତ୍ର, ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବୀର ଆଲାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗାର୍ଗୀ ନିହାରିକା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଉପାଧ୍ୟକ୍ଷ ପି.କେ. ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଅନ୍ୟତମ ଉପାଧ୍ୟକ୍ଷ ବାବାଜୀ ଚରଣ ଦଳାଇ ଓ ଡ. ଚନ୍ଦ୍ରଶେଖର ମହାପାତ୍ର ଉପସ୍ଥିତ ଥିଲେ।

# ବିଦ୍ୟୁତ ଦେୟ ଆଦାୟ ପାଇଁ ସ୍ୱତନ୍ତ୍ର ଅଭିଯାନ

**ଜୟପୁର୧୨।୧୨(ଡି.ଏନ୍.ଏ.)**

ଜୟପୁର ସାଉଥ୍‌କୋର ସର୍କଲ ପକ୍ଷରୁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ୯ରୁ ୨୪ ତାରିଖ ଯାଏ ବକେୟା ବିଦ୍ୟୁତ ଦେୟ ଆଦାୟ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। କେତେକ ସ୍ୱତନ୍ତ୍ର ଦଳ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ଦେୟ ଆଦାୟ କରୁଛନ୍ତି। ବକେୟା ଟଙ୍କା ଦେଉ ନ ଥିବା ଘରୋଇ ଓ ବ୍ୟାବସାୟିକ ପ୍ରତିଷ୍ଠାନ, ଅନ୍ୟ କାରଖାନାର ବିଦ୍ୟୁତ ସଂଯୋଗ କାଟି ଦିଆଯିବ। ଜୟପୁର ସହରରେ ୬ଟି ସ୍ୱତନ୍ତ୍ର ଦଳ ଆଦାୟରେ ନିୟୋଜିତ ହୋଇଛନ୍ତି। ଏଥିରେ କନିଷ୍ଠ ଯନ୍ତ୍ରୀଙ୍କଠାରୁ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ବୈଷୟିକ କର୍ମଚାରୀ ସାମିଲ ରହିଛନ୍ତି।

# ଦଶମନ୍ତପୁର ପ୍ରଡ୍ୟୁସର କମ୍ପାନୀ ବୈଠକ

**ଦଶମନ୍ତପୁର,୧୨।୧୨(ଡି.ଏନ୍.ଏ.)**

ଦଶମନ୍ତପୁର ପ୍ରଡ୍ୟୁସର କମ୍ପାନୀ ପ୍ରକଳ୍ପ ପରିଚାଳନା କମିଟି ବୈଠକ ସ୍ଥାନୀୟ ସୂଚନା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ନାବାର୍ଡ କୋରାପୁଟ ଡିଡିଏମ୍ ମୁରାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦଶମନ୍ତପୁର, ଏକାମ୍ବ, ଗିର୍ଲିଗୁମ୍ମା ଓ ଡୁମ୍ବାଗୁଡ଼ା ପଞ୍ଚାୟତର ୧୦ଜଣ ବୋର୍ଡ ମେମ୍ବର, ୧୦ ସେୟାର ହୋଲ୍‌ଡର ଯୋଗ ଦେଇଥିଲେ। କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ କୁମାର ନାୟକ କମ୍ପାନୀର ସଫଳତା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ କହିଥିଲେ। କମ୍ପାନୀରେ ୩୧୬ ଜଣ ସେୟାର ହୋଲ୍‌ଡର କାମ କରୁଛନ୍ତି। ଆଗାମୀ ଦିନରେ ଦଶମନ୍ତପୁର ବ୍ଲକରେ କୃଷିଜାତ ଦ୍ରବ୍ୟକୁ କମ୍ପାନୀ ମାଧ୍ୟମରେ ବିକ୍ରି କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଡଙ୍ଗରଛିଞ୍ଚିରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୬୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର

**ଜୟପୁର,୧୨।୧୨(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଡଙ୍ଗରଛିଞ୍ଚି, ଟାଙ୍କୁଆ, ବାଲିଆ ଓ ଅନ୍ତା ପଞ୍ଚାୟତର ଗ୍ରାମବାସୀ ସାମିଲ ହେବା ସହ ୯୭ ଜଣ ପଞ୍ଜିକୃତ ହୋଇଥିବା ବେଳେ ୬୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ସେହିପରି ୫୯ ଜଣଙ୍କୁ ପରିଚୟ ପତ୍ର, ୪୩ ଜଣଙ୍କୁ ବସ୍ ପାସ୍, ୧୪ ଜଣଙ୍କୁ ହ୍ୱିଲ୍ ଚେୟାର, ୧୧ ଜଣଙ୍କୁ ଶ୍ରବଣଯନ୍ତ୍ର, ୫ ଜଣଙ୍କୁ ଆଶାବାଡ଼ି, ୧୦ ଜଣଙ୍କୁ ମାସିକ ପେନସନ ଓ ଆବାସ ଯୋଜନାରେ ୧୨ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏଥିରେ ଶିଶୁ ବିଶେଷଜ୍ଞ, ଅସ୍ଥିଶଲ୍ୟ, ଚକ୍ଷୁ, ନାସା କର୍ଣ୍ଣ ଗଳା, ମସ୍ତିଷ୍କ ବିଶେଷଜ୍ଞ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗତ ମଙ୍ଗଳବାର ରାବଣାଗୁଡ଼ାରେ ୧୦ଟି ପଞ୍ଚାୟତକୁ ନେଇ ପ୍ରଥମ ପର୍ଯ୍ୟାୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜୟପୁର ବିଡିଓ ସୂରଜ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗା ପ୍ରସାଦ ପାତ୍ର, ଜିଲା ମୁଖ୍ୟ କାର୍ଯ୍ୟାଳୟର ସାମାଜିକ ଅଧିକାରୀ ଚନ୍ଦନ ବାରିକ, ବ୍ଲକ ସାମାଜିକ ଅଧିକାରୀ ପ୍ରତିମା ଶବର, ପିଇଓ ଅମ୍ବିକା ପାଢ଼ୀ, ସନାତନ ପଣ୍ଡା, ସରପଞ୍ଚ ପୂର୍ଣ୍ଣିମା ଗାଦବା ଉପସ୍ଥିତ ଥିଲେ। ଶୁକ୍ରବାର ଜୟପୁର ବ୍ଲକ କାର୍ଯ୍ୟାଳରେ ୮ଟି ପଞ୍ଚାୟତ ଓ ଜୟପୁର ପୌରସଂସ୍ଥାର ଭିନ୍ନକ୍ଷମଙ୍କୁ ପାଇଁ ଶିବିର ଅନୁଷ୍ଠିତ ହେବ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଶିବିରେ ମଞ୍ଚାସୀନ ଅତିଥିମାନେ ।

**ଜୟପୁର,୧୨।୧୨(ନି.ପ୍ର.)**

ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ୧୨ ଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ଜେନା ଉଦ୍‌ଘାଟନ କରିଛନ୍ତି। ଆତ୍ମସୁରକ୍ଷା ଶାଖାର ସଂଯୋଜକ ଅଧ୍ୟାପକ ଆନ୍ଦ୍ରିୟ ଶବର ସ୍ୱାଗତ ଭାଷଣ ଦେବା ସହ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ସୁନା, ଅଧ୍ୟାପିକା କନକଲତା ମହାପାତ୍ର ନାରୀ ସୁରକ୍ଷା, ରାଷ୍ଟ୍ର ସୁରକ୍ଷା ଉପରେ ସୁଚିନ୍ତିତ ମତ ରଖିଥିଲେ। ଆଜିର ପରିସ୍ଥିତିରେ ନାରୀଙ୍କ ଉପରେ ହେଉଥିବା ଆକ୍ରମଣରୁ ସୁରକ୍ଷିତ ରହିବା ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷଣ ନିତାନ୍ତ ଆବଶ୍ୟକ ବୋଲି ଅଧ୍ୟକ୍ଷ ଜେନା କହିଥିଲେ।

# ମହିଳାଙ୍କ ବ୍ୟାଙ୍କଖାତାରୁ ୩.୬୧ ଲକ୍ଷ ହରଣଚାଲ

**ଜୟପୁର,୧୨।୧୨(ଡି.ଏନ୍.ଏ.)**

ଜୟପୁର ବ୍ଲକ ଗାଗନାପୁର ଗ୍ରାମରେ ଜଣେ ବିଧବା ମହିଳାଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଜମାଖାତାରୁ ବାରମ୍ବାର ଏଟିଏମ୍ ଓ ଅନ୍ୟ ଉପାୟରେ ଟଙ୍କା ଉଠାଯାଇଛି। ଏ ନେଇ ଟାଉନଥାନାରେ ମହିଳା ଜଣକ ଗୁରୁବାର ସନ୍ଧ୍ୟାରେ ଲିଖିତ ଏତଲା ଦେଇଛନ୍ତି। ପୀଡ଼ିତା ହେଲେ ଦଇମତି ଜାନୀ (୪୨)। ୨୦୧୮ ସେପ୍ଟେମ୍ବର ୫ରେ କେନାଲରେ ପଡ଼ିଯାଇ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଗତ ଜାନୁୟାରୀ ୩୦ରେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଜୟପୁରସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ଦଇମତିଙ୍କ ଖାତାରେ ଜମା ହୋଇଥିଲା। ସେହିପରି ବଜାଜ ଏଲିଆନ୍ସ ଇନ୍ସୁରାନ୍ସ ବାବଦକୁ ୭୯୩୮ ଟଙ୍କା ସମେତ ବ୍ୟାଙ୍କ ଜମାଖାତାରେ ୪ଲକ୍ଷ ୧୨ ହଜାର ଟଙ୍କା ଜମା ରହିଥିଲା। ଉକ୍ତ ବ୍ୟାଙ୍କ ଜମାଖାତା ଓ ଏଟିଏମ୍ କାର୍ଡ ମହିଳାଙ୍କ ଦିଅର ଭୀମ ଜାନୀଙ୍କ ପାଖରେ ରହୁଥିଲା। ଦଇମତି ଓ ତାଙ୍କ ଦିଅର ଷ୍ଟେସନ ଛକ କିଓସ୍କରୁ ପ୍ରାୟ ୫୦ ହଜାର ଟଙ୍କା ଉଠାଇଥିଲେ। କିନ୍ତୁ ଅଜାଣତରେ ଗତ ମେ ୨୯ରେ ଦଇମତିଙ୍କ ଜମାଖାତାରୁ ୪୦ ହଜାର, ଜୁନ ୩ରେ ୧୭ ଥରରେ ୫୬ ହଜାର, ୪ ତାରିଖ ୧୩ ଥରରେ ୨୬ ହଜାର, ଜୁନ ୬ରେ ୨୧ ଥରରେ ୯୪ ହଜାର ଟଙ୍କା, ଏହିପରି ଅକ୍ଟୋବର ୧ ସୁଦ୍ଧା ୩ଲକ୍ଷ ୬୧ ହଜାର ଟଙ୍କା କେହି ଉଠାଇ ନେଇଥିଲା। ଏନେଇ ଦଇମତି ଓ ତାଙ୍କ ଦିଅର ଟାଉନଥାନାରେ ଅଭିଯୋଗ କରିଛନ୍ତି। ଏହାର ଯାଞ୍ଚ ପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।



ଦଇମତି ଜାନି ।

## କୁନ୍ଦୁରା ବ୍ଲକ ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନିକ ଆନ୍ତରିକତାର ଅଭାବ

# ସ୍ଥାୟୀ ବିଇଓ ନାହାନ୍ତି, ୭ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ

**କୁନ୍ଦୁରା,୧୨।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲାର ଶିକ୍ଷାକ୍ଷେତ୍ରରେ ୨୦୦୦ରୁ ୨୦୧୦ ଯାଏ କୁନ୍ଦୁରା ଭଳି ଏକ ଉପାନ୍ତ ଅଞ୍ଚଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। କିନ୍ତୁ ୨୦୧୦ରୁ ଏଯାବତ୍ ସେଥିରେ ଅଧୋଗତି ଦେଖିବାକୁ ମିଳୁଛି। ବ୍ଲକରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନାହାନ୍ତି। ଅନେକ ସ୍କୁଲ ଜଣେ ଲେଖାଏଁ ଶିକ୍ଷକଙ୍କ ଦ୍ୱାରା ପଢ଼ିଉଠି ଚାଲିଛି। କୁନ୍ଦୁରା ଶିକ୍ଷା ବ୍ଲକ ପ୍ରତି ଶିକ୍ଷା ବିଭାଗର ଆନ୍ତରିକତା ନ ଥିବା ଭଳି ମନେ ହେଉଛି।

ବର୍ତ୍ତମାନ କୋଟପାଡ଼ର ଗୋଷ୍ଠୀ ଶିକ୍ଷାଧିକାରୀ ବିଚିତ୍ରାନନ୍ଦ ସେଠୀ କୁନ୍ଦୁରା ବ୍ଲକ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ଜଣେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତି ଦେବାରେ ବିଫଳ ହୋଇଛି ପ୍ରଶାସନ। ପୂର୍ବରୁ କୁନ୍ଦୁରା ବିଇଓ ଭାବେ ଯୋଗ ଦେଇଥିବା ଅଧିକାରୀଙ୍କ କାର୍ଯ୍ୟକାଳ ବର୍ଷେରୁ ଦେଢ଼ବର୍ଷ ରହିବା ପରେ ସେମାନେ ଅବସର ହେଉଛନ୍ତି ନତୁବା ଅନ୍ୟତ୍ର ବଦଳି ହେଉଛି। ଫଳରେ ଶିକ୍ଷା ବ୍ଲକରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ କୁନ୍ଦୁରା ବ୍ଲକର ୭ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି। ଚଳିତ ଶିକ୍ଷାବର୍ଷର ୧୦ ମାସ ବିତି ଯାଇଥିଲେ ମଧ୍ୟ ଜାଣିଶୁଣି ଜିଲା ଓ ବ୍ଲକ ଶିକ୍ଷା ବିଭାଗ ଚୁପ୍ ବସିଛି। ଉପରୋକ୍ତ ବିଦ୍ୟାଳୟର ଏକମାତ୍ର ଶିକ୍ଷକ ଅଫିସ କାମରେ ବାହାରକୁ ଗଲେ ସେଦିନ ପିଲାଙ୍କ ପାଠପଢ଼ା ବ୍ୟାହତ ହୁଏ।

କୁନ୍ଦୁରା ବ୍ଲକରେ ରହିଥିବା ଆସନା ପଞ୍ଚାୟତ ପଖନାଗୁଡ଼ା ପ୍ରାଥମିକ ବିଦ୍ୟାଳୟର ୬୨ ଛାତ୍ରୀଛାତ୍ର, ବାଗ୍‌ଦେରୀ ପଞ୍ଚାୟତ ରେକ୍ସାକନାଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ୨୯, କେରିମିଟି ପଞ୍ଚାୟତ କଦଳୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ୬୮, କୁନ୍ଦୁରା ଗ୍ରାମ ଝିଲିଗାଁ, କାଉଡିଆଗୁଡ଼ା ଲିମା ପଞ୍ଚାୟତ ଖଲାପିଗୁଡ଼ା, ଭୁଷାଙ୍ଗଗୁଡ଼ା ଗ୍ରାମର ପଣସଗାଁ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। କୁନ୍ଦୁରା ଶିକ୍ଷାବ୍ଲକରେ ଯେତିକି ଶିକ୍ଷକ ରହିବା କଥା, ତା'ଠାରୁ ୨୯ଜଣ ଶିକ୍ଷକ କମ୍ ଅଛନ୍ତି। ବ୍ଲକସ୍ତରରେ ଲେଭଲ-୩ ଶିକ୍ଷକ ୧୧ ଜଣ ଆବଶ୍ୟକ ଥିବାବେଳେ ୫ ଜଣ ରହିଛନ୍ତି। ଲେଭଲ-୪ ଶିକ୍ଷକ ୩୭ ଜଣ ଆବଶ୍ୟକ ଥିବାବେଳେ ଅଛନ୍ତି ୧୫ ଜଣ। ସେହିଭଳି ଭାବେ ଲେଭଲ-୫ ଶିକ୍ଷକ ୨୦୫ ଜଣ ରହିବା କଥା, କିନ୍ତୁ ୨୦୪ ଜଣ ଅଛନ୍ତି। ଲେଭଲ-୫ (ଏକ୍ସ) ଶିକ୍ଷକ ୪୭, ଜେଟି ୧୫, ଜେଟିସି ୧୦୭ ଜଣ ରହିଥିବା ବେଳେ ଏଠାରେ ମଧ୍ୟ ୬ ଶିକ୍ଷକ ପଦବୀ ଖାଲି ପଡ଼ିଛି। କୁନ୍ଦୁରା ବ୍ଲକର ଶିକ୍ଷାର ମୂଳଦୁଆ ପକାଇଥିବା ୫୦ ବର୍ଷ ତଳର ଅରୋବିନ୍ଦ ଶିକ୍ଷା ନିକେତନରେ ଏଯାବତ୍ ୪ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ବ୍ଲକର ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମନଇଚ୍ଛା ସ୍ଥାନରେ ନିଯୁକ୍ତ କରାଯାଇଛି। ବିଗତ ଦିନରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା ନେଇ କାର୍ଯ୍ୟାଳୟ ଘେରାଉ ମଧ୍ୟ ହୋଇଥିଲା। ବ୍ଲକରେ କେବଳ ଗୋଟିଏ ମାତ୍ର ମହାବିଦ୍ୟାଳୟ ରହିଥିବା ବେଳେ ସେଠାରେ ପିଲାମାନେ ସିଟ୍ ପାଇପାରୁ ନାହାନ୍ତି। ଉଚ୍ଚ ବିଦ୍ୟାଳୟରେ ଯୁକ୍ତଦୁଇ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଏଠାରେ ଏଯାବତ କାର୍ଯ୍ୟକାରୀ କରା ନ ଯିବା ଯୋଗୁ କୁନ୍ଦୁରା ବ୍ଲକରେ ରହିଥିବା ୧୩ଟି ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ବ୍ଲକର ଏକମାତ୍ର ମହାବିଦ୍ୟାଳୟରେ ପଢ଼ିବା ପାଇଁ ଆଶା ବାନ୍ଧି ନିରାଶ ହେଉଛନ୍ତି। ସ୍କୁଲ ଓ ଗଣଶିକ୍ଷା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ମଙ୍ଗଳ ବିଭାଗ କୁନ୍ଦୁରା ବ୍ଲକର ଶିକ୍ଷା ପ୍ରତି ଆନ୍ତରିକତା ଦେଖାଇ ଶୈକ୍ଷିକ ଭିତ୍ତିଭୂମି ଓ ବ୍ୟବସ୍ଥା ସଜାଡ଼ିବା ପାଇଁ ଦାବି ହୋଇଛି।

## ସଂକ୍ଷେପରେ

### ୩୩୧୯ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଗୁଡ଼ାରୀ,୧୨।୧୨(ଡ଼ି.ଏନ.ଏ):ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୩୧୯ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଶାନ୍ତି ଜାଗାରଙ୍ଗା ଅତିଥି ଭାବେ ଯୋଗ ଦେଇ ଏହି ଭତ୍ତା ବଣ୍ଟନ କରିଥିଲେ । ଗୁଡ଼ାରୀ ବିଡ଼ିଓ ନୃସିଂହ ଚରଣ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଟି. ସୁରିବାବୁ ପରିଚାଳନା କରିଥିଲେ ।

### କୋଣାର୍କ ସାଇକେଲ ଚାଳକ ଦଳକୁ ଗୁଣପୁରରେ ସମ୍ବର୍ଦ୍ଧନା



ଗୁଣପୁର,୧୨।୧୨(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ପଞ୍ଚମ କୋଣାର୍କ ଆନ୍ତର୍ଜାତୀୟ ସାଇକ୍ଲୋଥେନ ଯାତ୍ରାର ସାଇକେଲ ଚାଳକମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଶ୍ୱବିଦ୍ୟାଳୟ ମହାନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା ଏହି ଦଳକୁ ସ୍ୱାଗତ କରିଥିଲେ । ୪୦ ଜଣ ସାଇକେଲ ଚାଳକ ୧୩ ଦିନ ମଧ୍ୟରେ ୧୩୦୦ କିମି ଯାତ୍ରା କରି ଗୁଣପୁରଠାରେ ପହଁଞ୍ଚିଛନ୍ତି । ଆନ୍ତର୍ଜାତୀୟ ସାଇକେଲ ଚାଳକ ଯୋଗୀନ୍ଦର ସିଂ, ସୁଧୀର ଦାସ, ମଧୁସୁଦନ ମିଶ୍ର, ମିତ୍ରଭାନୁ ନାୟକଙ୍କ ସମେତ ମହିଳାମାନେ ଭାଗ ନେଇଥିଲେ। ଏଠାରୁ ଏହି ଦଳ ରାୟଗଡା ଅଭିମୁଖେ ଯାଇଥିଲେ । ବିଶ୍ୱବିଦ୍ୟାଳୟ ପ୍ରିନ୍ସପାଲ ଡ. କେ.ସେନ୍ଥିଲ କୁମାର, କ୍ରୀଡା ଅଧିକାରୀ ରବୀନ୍ଦ୍ର ପଣ୍ଡା, ପ୍ରଫେସର ସୁଭ୍ରଜିତ ପ୍ରଧାନ, ଡ.ଜ୍ୟୋତିର୍ମୟ ମିଶ୍ର , ପ୍ରେମାଂଶୁଶେଖର ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ



ଟିକିରି, ୧୨।୧୨(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ଏବଂ ସ୍ୱାସ୍ଥ୍ୟସୁରକ୍ଷା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଥୁଟିବର କଲୋନୀ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରା, ଡଙ୍ଗାସିଲ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶିକେଶନ ବାଘ, ଥୁଟିବର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏସ୍.କେ.ଶତପଥୀଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ସବୁ କରାଯାଇଥିଲା। ଥୁଟିବର ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧରେ ୩୭୬ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ୪ଜଣ ଶିକ୍ଷକ ଥିବା ସ୍କୁଲ କମିଟି ସଭାପତି ଅର୍ଜୁନ ମାଝି କହିଛନ୍ତି। ଏଥିସହ ସ୍କୁଲରେ ଥିବା ଅନ୍ୟ ସମସ୍ୟା ଉପରେ ମଧ ଆଲୋଚନା ହୋଇଥିଲା। ଏଥିରେ ପ୍ରାୟ ୨ଶହରୁ ଅଧିକ ଅଭିଭାବକ ସାମିଲ ହୋଇଥିଲେ। ସେହିପରି ଡଙ୍ଗାସିଲି ଓ ଥୁଟିବର ଆଶ୍ରମ ସ୍କୁଲରେ ମଧ ବିଭିନ୍ନ ସମସ୍ୟା ନେଇ ଶିକ୍ଷକ ଏବଂ ଅଭିଭାବକ ଆଲୋଚନା କରିଥିଲେ।

### ଜଳିଗଲା ୬ ଏକର ଧାନ ଫସଲ

ଧରାକୋଟ,୧୨।୧୨(ଡି.ଏନ.ଏ.): ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଗୋପାଳପୁର ଗ୍ରାମ ଖଳାରେ ଥିବା ୬ ଏକର ଧାନ ଫସଲ ଦୁର୍ବୃତ୍ତମାନେ ଅଗ୍ନି ସଂଯୋଗ କରିବା ଯୋଗୁ ଜଳି ଯାଇଛି। ଧରାକୋଟ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ସେତେବେଳକୁ ସବୁ ଜଳି ଯାଇଥିଲା । ରାଜସ୍ୱ ବିଭାଗ ତରଫରୁ ଧରାକୋଟ ରାଜସ୍ୱ ନିରୀକ୍ଷକ ସଚ୍ଚିଦାନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ।

# ଦୃଷ୍ଟି ଆଢୁଆଳରେ 'ହାଲୁଆ ଜଳ ପ୍ରପାତ'

ରାୟଗଡ଼ା ଅଫିସ , ୧୨।୧୨



ହାଲୁଆ ଜଳପ୍ରପାତ ।

- ■ ପ୍ରତ୍ୟେକ ଦିନ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼
- ■ ଝରଣା ନିକଟକୁ ଯିବାକୁ ବାରଣ କରାଯିବା ଦରକାର
- ■ ଆନୁସଙ୍ଗିକ ବ୍ୟବସ୍ଥାର ସୁବିଧା ନାହିଁ

ରାୟଗଡ଼ା ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ସେଥିମଧ୍ୟରୁ ଅନେକ ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସି ପାରୁନାହିଁ । ପର୍ଯ୍ୟଟନସ୍ଥଳୀର ଉନ୍ନତି ନେଇ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି । ହେଲେ ସେଥିରେ କିଛି ସୁଧାର ଆସୁନାହିଁ । ରାୟଗଡ଼ା ବ୍ଲକ ବୈରାଗୀ ହାଲୁଆ ପଞ୍ଚାୟତରେ ଥିବା ହାଲୁଆ ଜଳ ପ୍ରପାତ ଏମିତି ଏକ ପର୍ଯ୍ୟଟନସ୍ଥଳୀ, ଯାହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି।

ରାୟଗଡ଼ାଠାରୁ ୨୦ କିଲୋମିଟର ଦୂର ବୈରାଗି ହାଲୁଆ ବ୍ରିଜ ପରେ ରହିଛି ଏହି ଜଳ ପ୍ରପାତ । ଆଗକୁ ନୂଆବର୍ଷ ଥିବାରୁ ବର୍ତ୍ତମାନ ଏହି ଜଳପ୍ରପାତରେ ଦିନକୁ ଦିନ ଲୋକଙ୍କ ଭିଡ଼ ଜମୁଛି । ଏହି ଜଳ ପ୍ରପାତ ଅତି ମନୋରମ ହୋଇଥିବାରୁ ସହର ଏବଂ ସହର ବାହାରୁ ଅନେକ ଲୋକ ଏଠାକୁ ବଣ ଭୋଜି କରିବାକୁ ଆସିଥାନ୍ତି। ପ୍ରକୃତିର ଏହି ସୁନ୍ଦର ପାହାଡ଼ ଏବଂ ପଥର ଦେଇ ଆସୁଥିବା ଝରଣା ପାଣିକୁ ଉପଭୋଗ କରିବାକୁ ପ୍ରତିଦିନ ୨୦୦ ରୁ ଅଧିକ ଲୋକ ଆନ୍ଧ୍ରପ୍ରଦେଶ , ରାୟଗଡ଼ା, ଜେକେପୁର , ଥେରୁବାଲି ବିଭିନ୍ନ ଯାଗାରୁ ଆସିଥାନ୍ତି । ବିଶେଷକରି ବୁଧବାର ଏବଂ ରବିବାର ଏଠାରେ ଲୋକଙ୍କ ବେଶୀ ଭିଡ଼ ଜମିଥାଏ । ହେଲେ ଏଠାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ପିକ୍‌ନିକ୍ କରିବାକୁ ଏଠାକୁ ଆସୁଥିବା ଲୋକେ ବସିବା ଓ ରୋଷେଇ କରିବା ଲାଗି ବହୁ ଅସୁବିଧା ଭୋଗିଥାନ୍ତି। ଯେଉଁ ଯାଗା ରହିଛି ସେଥିରେ ବଡ଼ ବଡ଼ ପଥର ରହିଛି । ଏଠାରେ ଲୋକଙ୍କ ଲାଗି ସୁବିଧା କରାଗଲେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରିବ । ଆହୁରି ଅଧିକ ଲୋକଙ୍କ ଭିଡ଼ ଜମିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏଠାକୁ ଭୋଜି କରିବାକୁ ଆସିଥିବା ରାୟଗଡ଼ା ବ୍ୟାଙ୍କ କଲୋନୀର କେ. ସୁରେଶ କୁହନ୍ତି, ଆଗକୁ ନୂଆବର୍ଷ ଆସୁଛି । ତେଣୁ ଆମ ପରିବାରର ସମସ୍ତ ସଦସ୍ୟ ଏଠାକୁ ପିକ୍‌ନିକ୍ କରିବାକୁ ଆସିଛୁ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇଥିବାରୁ ଏହି ସ୍ଥାନ ବହୁତ ଭଲ ଲାଗେ। ଏହି ସ୍ଥାନର ବିକାଶ କରାଯିବା ଦରକାର । ପାହାଡ଼ରୁ ଝରୁଥିବା ଝରଣା ପାଣି ନିକଟକୁ ଯିବା ଲାଗି ଲୋକଙ୍କୁ ବାରଣ କରାଯିବା ଦରକାର । କାରଣ ଗତ ବର୍ଷ ଜଣେ ପିଲା ଏହି ଝରଣା ପାଖକୁ ଯାଇ ତଳକୁ ଖସି ପଡ଼ିଥିଲେ । ଏହାର ସୁରକ୍ଷା ନେଇ ଜିଲା ପ୍ରଶାସନ ଦୃଷ୍ଟି ଦେବା ଦରକାର ବୋଲି ସେ କହିଛନ୍ତି। ସେହିପରି ରାୟଗଡ଼ା ଅଶୋକ ନଗର ରୀତାଲୀ ମିଶ୍ର କହିଛନ୍ତି, ଏହି ପର୍ଯ୍ୟଟନସ୍ଥଳୀ ବେଶ୍ ଆକର୍ଷଣୀୟ । ବହୁ ଲୋକ ଏଠାକୁ ପିକ୍‌ନିକ୍ କରିବାକୁ ଆସିଥାନ୍ତି । ତେଣୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଉ ବୋଲି ସେ କହିଛନ୍ତି। ଏନେଇ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମାଙ୍କୁ ପଚାରିବାରୁ, ଏହି ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସିନାହିଁ । ଯଦି ଉକ୍ତ ସ୍ଥାନକୁ ଅଧିକ ଲୋକ ଯାଉଛନ୍ତି, ଏହାର ସର୍ଭେ କରାଯାଇ ପର୍ଯ୍ୟଟନ ସ୍ଥଳୀ ଅନୁମୋଦନ ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି।

■ କଂସାରୀଗୁଡ଼ାରେ ଜମିହରାଙ୍କ ବୈଠକ

# କାରଖାନା କର, ନ ହେଲେ ଜମି ଫେରାଅ

ଟିକିରି, ୧୨।୧୨(ଡି.ଏନ୍.ଏ.)

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ କଂସାରିଗୁଡ଼ା ଛକରେ କୋରାପୁଟ ଜିଲା ଲକ୍ଷ୍ମୀପୁର ଓ ରାୟଗଡା ଜିଲା କାଶୀପୁର ବ୍ଲକର ବିସ୍ଥାପିତ ଏବଂ ଜମିହରା କ୍ଷତିଗ୍ରସ୍ତଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। କିଛି ବର୍ଷ ତଳେ ଆଦିତ୍ୟ ଆଲୁମିନା କମ୍ପାନୀ କାରଖାନା ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କଠାରୁ ଜମି ଅଧିଗ୍ରହଣ କରିଥିଲା । ଏବେ ଯାଏ କିନ୍ତୁ କାରଖାନା ନିର୍ମାଣ କରାଯାଇ ନ ନାହିଁ। ଜମି ଅଧିଗ୍ରହଣ ସମୟରେ କମ୍ପାନୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇନି। ତେଣୁ ତୁରନ୍ତ କଂସାରୀଗୁଡାଠାରେ କାରଖାନା ନିର୍ମାଣ କରି ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନଚେତ୍ ଜମି ଫେରାଯାଉ ବୋଲି କ୍ଷତିଗ୍ରସ୍ତମାନେ ଦାବି କରିଛି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଜବାହରଲାଲ ବାଘ, ଅଖିଳ ଝୋଡିଆ, ଡଉଲରତ୍ନ ଚୌଧୁରୀ, ଅଗସ୍ତି ହାଲୁଆ, ଆଜି ମାଝି , ଭ୍ରମର, ଶୀତିଆ ମାଝି ନବୀନ ବିଜୁ ମହାନ୍ତିଙ୍କ ସହିତ ଅନ୍ୟମାନେ କହିଛନ୍ତି। ଏହି ବୈଠକରେ ଫୁଲକେଯାବା, ସିଙ୍ଗାରାମ, ଓଡ଼ିଆ ପେଣ୍ଟ, ବିରିଗୁଡା, ଭାଲୁପୋଡି, ମୁଣ୍ଡାଗାଁ, ପୋଡାପାଡି, ବାଙ୍କାମ୍ବ, ଉପରକୋଡିଙ୍ଗା, ମାଙ୍କଡ଼ଝୋଲା, ପହଣ୍ଡି ଭଳି ଅନେକ ଗ୍ରାମରୁ ପ୍ରାୟ ଶତାଧିକ ଲୋକ ଯୋଗଦେଇଥିଲେ ।

■ ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା

# ରାୟଗଡ଼ାକୁ ୨୦ ପଦକ



ଏସ୍‌ପିଙ୍କ ଗହଣରେ ପଦକ ଜିତିଥିବା ଖେଳାଳିମାନେ ।

ରାୟଗଡ଼ା ଅଫିସ ,୧୨।୧୨

ଭୁବନେଶ୍ୱରରେ ୨୭ତମ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଗତ ୭ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟ ଜିଲା ଶକ୍ତି ଉତ୍ତୋଳନ ସଂଘ ତରଫରୁ ଜିମ୍ ନାଜିୟମ କ୍ଲବ ନେତୃତ୍ୱରେ ରାୟଗଡ଼ାର ମୋଟ ୧୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ୧୮ ଜଣ ପ୍ରତିଯୋଗୀ ମଧ୍ୟରୁ ୧୬ ଜଣ ୨୦ ଟି ମେଡ଼ାଲ ପାଇଛନ୍ତି । ସେଥିମଧ୍ୟରୁ ୮ ଟି ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୬ ଟି ବ୍ରୋଞ୍ଜ ପଦକ ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ସଭାପତି କଳିକେଶ ନାରାୟଣ ସିଂ ଦେଓ, ବିଧାୟକ ଅନନ୍ତ ନାରାୟଣ ଜେନା ପୁରସ୍କାର ପ୍ରଦାନ କରିଥିଲେ ।

■ ରକ୍ତଦାନର ବାର୍ତ୍ତା ଦେଲେ ଜୟଦେବ

# ସାଇକେଲରେ କଲିକତାରୁ କନ୍ୟାକୁମାରୀ

ରାୟଗଡ଼ା ଅଫିସ ,୧୨।୧୨



ରାୟଗଡ଼ା କଲେଜରେ ଜୟଦେବ ରାଉତଙ୍କୁ ସ୍ୱାଗତ କରାଯାଉଛି ।

ରକ୍ତଦାନ ମହତ ଦାନ । ଏହି ବାର୍ତ୍ତା ନେଇ ସାଇକେଲ ଯୋଗେ ସୁଦୂର କଲିକତା ସହରରୁ କନ୍ୟାକୁମାରୀ ଅଭିମୁଖେ ବାହାରିଥିବା ଭଦ୍ରକ ନିବାସୀ ଜୟଦେବ ରାଉତ ଗୁରୁବାର ରାୟଗଡ଼ାରେ ପହଞ୍ଚିଛନ୍ତି । ସେ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ଓ ଯୁବ ରେଡ଼କ୍ରସ ପରାମର୍ଶଦାତା ଏସ. ଶ୍ରୀନିବାସ ଆଚାରୀଙ୍କ ସମେତ ଅଧ୍ୟାପକ , ଛାତ୍ରୀଛାତ୍ର ତାଙ୍କ ଯାତ୍ରାର ସଫଳ କାମନା କରିଥିଲେ । ସେ ପିଲାଦିନେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ । ସେତେବେଳେ ରକ୍ତ ଦାନ ର ମହତ୍ୱ ଉପଲବଧି କରିଥିଲେ । ସେହି ଉପଲବଧିକୁ ସାଧାରଣ ମାନସରେ ଆହୁରି ତତ୍ପରତା କରାଇବା ଲକ୍ଷ୍ୟ ନେଇ ସେ ୯୦୦୦ କିମିର ସାଇକେଲ ଯାତ୍ରା କରୁଛନ୍ତି । ଉକ୍ତ ଯାତ୍ରା ନଭେମ୍ବର ୭ ତାରିଖରୁ କଲିକତାରୁ ଆରମ୍ଭ କରି ସେ ଓଡ଼ିଶାର ବାଲେଶ୍ୱର , ସମ୍ବଲପୁର , ଝାରସୁଗୁଡ଼ା , ବରଗଡ଼, ବଲାଙ୍ଗିର , ନବରଙ୍ଗପୁର , କଳାହାଣ୍ଡି , କୋରାପୁଟ ଦେଇ ରାୟଗଡ଼ା ପହଞ୍ଚିଛନ୍ତି । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ ଦେଇ କନ୍ୟାକୁମାରୀ ପହଞ୍ଚିବେ ବୋଲି କହିଛନ୍ତି।

### ଏସ୍‌ଏଚ୍‌ଜି ମହିଳାଙ୍କୁ ଛତୁଚାଷ ତାଲିମ

ମୁନିଗୁଡା, ୧୨।୧୨ (ଡି.ଏନ୍.ଏ.)

ମୁନିଗୁଡା ନିକଟସ୍ଥ କୁତ୍ରାଗଡ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀରେ ଷ୍ଟେଟ୍‌ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ସଂସ୍ଥା ପକ୍ଷରୁ ଛତୁଚାଷ ତାଲିମ ଦିଆଯାଉଛି । ମୁନିଗୁଡା ଷ୍ଟେଟ୍‌ବ୍ୟାଙ୍କ ଚିଫ୍ ମ୍ୟାନେଜର ଫକିର କୁନ୍ତୁକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ଏଚ୍‌ଜି ମହିଳାଙ୍କୁ ଛତୁଚାଷ ସମ୍ପର୍କରେ ବୁଝାଇବା ସହ ବ୍ୟାଙ୍କରୁ ଋଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୋର୍ସ କୋଅର୍ଡିନେଟର ଏ. ମାଧୁରୀ ଦେବୀ ଛତୁଚାଷ କିପରି କରାଯିବ ସେଥିପାଇଁ ଆବଶ୍ୟକ ଚାଷ ପ୍ରଣାଳୀ ସମ୍ପର୍କରେ ବିବରଣୀ ଦେଇଥିଲେ । ତାଲିମ ଦେଉଥିବା ସଂସ୍ଥା ଡାଇରେକ୍ଟର ଗୁଡୁଲା ଭେଙ୍କଟରାମନା ବ୍ୟାଙ୍କ ଇନ୍ସ୍ୟୁରାନ୍ସ ସମ୍ବନ୍ଧୀୟ ତଥ୍ୟ ମହିଳାମାନଙ୍କୁ ବୁଝାଇଥଲେ। ବିଷମକଟକ ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ କିଶୋର କରକରିଆ ଅତିଥି ପରିଚୟ ଦେଇଥିଲେ। ଏଥିରେ ୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ତାଲିମ ନେଉଛନ୍ତି।

### ବିଦ୍ୟୁତ୍ ଆଘାତରେ ଟ୍ରେଲର ଚାଳକ ଗୁରୁତର

ଟିକିରି,୧୨।୧୨(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଉତ୍କଳ ଆଲୁମିନା କାରଖାନାକୁ ଜିନିଷପତ୍ର ଧରି ଆସିଥିବା ଟ୍ରେଲର ଡ୍ରାଇଭର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି । ସେ ହେଲେ ବିହାର ରାଜ୍ୟ ବାଜାହିଦ୍ ଗ୍ରାମର ସୁନିଲ ରାୟ । ତାଙ୍କୁ ଓଷାପଡ଼ାସ୍ଥିତ କମ୍ପାନୀ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସେ କାରଖାନା ନିକଟସ୍ଥ ଦଶହରା ପଡ଼ିଆରେ ୬ଶହ ଟନ୍ ମାଲ ବୋଝେଇ କରିଥିବା ଟ୍ରେଲର(ଜିଜେ୦୭ସିବି-୦୮୫୬)କୁ ପାର୍କ କରିଥିଲେ । ଏଠାରେ ଗାଡ଼ିରେ ବିଦ୍ୟୁତ ତାର ଲାଗିବାରୁ ସେ ବାଉଁଶ ସାହାଯ୍ୟରେ ତାରକୁ ଟେକୁଥିବା ବେଳେ ଚାଳକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ ।

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY
ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଝିଅ ପଛି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE
FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ୱେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
BUSINESS

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

FINANCE
ବାଲାଜୀ ଫାଇନାସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

